# NATIONAL NEWS BULLETIN (ODIA)

**16 May - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ନେଦରଲ୍ୟାଣ୍ଡ୍ସରେ ପ୍ରବାସୀ ଭାରତୀୟ ସଂପ୍ରଦାୟଙ୍କୁ ଆଜି ଅପରାହ୍ନରେ ସମ୍ବୋଧନ କରିବେ ପ୍ରଧାନମନ୍ତ୍ରୀ

- ପଶ୍ଚିମବଙ୍ଗରେ ୨୦୧୧ ମସିହାରୁ ଜାରି ହୋଇଥିବା ସମସ୍ତ ଜାତିଗତ ପ୍ରମାଣପତ୍ରର ପୁନଃ ଯାଞ୍ଚ ପାଇଁ ନିର୍ଦ୍ଦେଶ ଦେଲେ ରାଜ୍ୟ ସରକାର

- ଡେଙ୍ଗୁରୋଗର କାରଣ ଓ ନିରାକରଣ ଦିଗରେ ସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ପାଳନ କରାଯାଉଛି ଜାତୀୟ ଡେଙ୍ଗୁ ଦିବସ

- ଆନ୍ଧ୍ରପ୍ରଦେଶର କାକିନାଡା ଜିଲ୍ଲାରେ ଟିପର ଧକ୍କାରେ ୬ ମହିଳା ଶ୍ରମିକଙ୍କ ମୃତ୍ୟୁ

ଏବଂ

- ଆଇପିଏଲ୍ କ୍ରିକେଟ୍‌ରେ ଆଜି କୋଲକାତା ନାଇଟ୍ ରାଇଡର୍ସ ଓ ଗୁଜରାଟ ଟାଇଟନ୍ସ ମଧ୍ୟରେ ଖେଳାଯିବ ମ୍ୟାଚ୍

---

## ପିଏମ୍-ନେଦରଲ୍ୟାଣ୍ଡ୍ସ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଅପରାହ୍ନରେ ନେଦରଲ୍ୟାଣ୍ଡ୍ସରେ ପ୍ରବାସୀ ଭାରତୀୟଙ୍କୁ ସମ୍ବୋଧନ କରିବାର କାର୍ଯ୍ୟସୂଚୀ ରହିଛି । ଏଥିପାଇଁ ସେଠାରେ ଅବସ୍ଥାନ କରୁଥିବା

ଭାରତୀୟଙ୍କ ମଧ୍ୟରେ ଉତ୍ସାହ ପରିଲକ୍ଷିତ ହୋଇଛି । ପଞ୍ଚରାଷ୍ଟ୍ର ଗସ୍ତର ଦ୍ୱିତୀୟ ପର୍ଯ୍ୟାୟରେ ଶ୍ରୀ ମୋଦୀ ଗତକାଲି ବିଳମ୍ବିତ ରାତ୍ରିରେ ନେଦରଲ୍ୟାଣ୍ଡ୍ସରେ ପହଞ୍ଚିଥିଲେ । ୟୁରୋପୀୟ ରାଷ୍ଟ୍ରଗୁଡ଼ିକ ସହିତ ଭାରତର ରଣନୈତିକ ତଥା ଆର୍ଥିକ ସଂପର୍କକୁ ଅଧିକ ସୁଦୃଢ଼ କରିବା ଏହି ଗସ୍ତର ମୁଖ୍ୟ ଉଦ୍ଦେଶ୍ୟ ।

ଆମ୍ଷ୍ଟରଡାମ୍ ବିମାନ ବନ୍ଦରରେ ପହଞ୍ଚିବା ପରେ ସେଠାକାର ବୈଦେଶିକ ମନ୍ତ୍ରୀ ଟମ୍ ବେରେଣ୍ଡେସନ ଶ୍ରୀ ମୋଦୀଙ୍କୁ ସ୍ୱାଗତ କରିଥିଲେ । ହେଗ୍‌ର ଏକ ହୋଟେଲରେ ଶ୍ରୀ ମୋଦୀଙ୍କୁ ପ୍ରବାସୀ ଭାରତୀୟମାନେ ଭବ୍ୟ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରିଥିଲେ । ଗସ୍ତ ଅବସରରେ ଶ୍ରୀ ମୋଦୀ ତାଙ୍କ ପ୍ରତିପକ୍ଷ ରବ୍ ଡେଟେନ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା କରିବେ । ନେଦରଲ୍ୟାଣ୍ଡ୍ସର ରାଜା ଏବଂ ରାଣୀଙ୍କୁ ମଧ୍ୟ ଶ୍ରୀ ମୋଦୀ ସାକ୍ଷାତ୍ କରିବାର କାର୍ଯ୍ୟସୂଚୀ ରହିଛି । ନିକଟରେ ହୋଇଥିବା ଭାରତ-ୟୁରୋପ ମୁକ୍ତ ବାଣିଜ୍ୟ ଚୁକ୍ତିନାମା ପରେ ଶ୍ରୀ ମୋଦୀଙ୍କର ଏହି ଗସ୍ତ ୟୁରୋପୀୟ ସଂଘ ସହ ସମ୍ପର୍କକୁ ଅଧିକ ସୁଦୃଢ଼ କରିବ ବୋଲି ଆଶା କରାଯାଉଛି ।

ଶ୍ରୀ ମୋଦୀ ଆଜି ପ୍ରମୁଖ ଡଚ୍ କମ୍ପାନୀର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କ ସହ ସାକ୍ଷାତ୍ ଆଲୋଚନା କରିବେ । ସେମି କଣ୍ଡକ୍ଟର ଚିପ୍‌ସ ଏବଂ କୃତ୍ରିମ ବୁଦ୍ଧିମତା କ୍ଷେତ୍ରରେ କେତେକ ଚୁକ୍ତି ସ୍ୱାକ୍ଷରିତ ହେବାର ସମ୍ଭାବନା ରହିଛି ।

ଗସ୍ତର ତୃତୀୟ ପର୍ଯ୍ୟାୟରେ ଶ୍ରୀ ମୋଦୀ ନେଦରଲ୍ୟାଣ୍ଡ୍ସରୁ ଆଜି ସ୍ୱିଡେନ୍‌ର ଗୋଥେନବର୍ଗ ଯାତ୍ରା କରିବେ । ଚତୁର୍ଥ ପର୍ଯ୍ୟାୟରେ

ସୋମବାର ଦିନ ପ୍ରଧାନମନ୍ତ୍ରୀ ନରୱେ ଗସ୍ତରେ ଯିବେ । ସେଠାରେ ତୃତୀୟ ଭାରତ ନୋର୍ଡିକ ଶିଖର ସମ୍ମିଳନୀ ତଥା ସେଠାକାର ଶୀର୍ଷ ନେତୃବୃନ୍ଦଙ୍କ ସହ ଦ୍ୱିପାକ୍ଷିକ ଆଲୋଚନାରେ ଅଂଶଗ୍ରହଣ କରିବେ । ଗସ୍ତର ଶେଷ ପର୍ଯ୍ୟାୟରେ ପ୍ରଧାନମନ୍ତ୍ରୀ ମଙ୍ଗଳବାର ଇଟାଲୀରେ ପହଞ୍ଚିବାର କାର୍ଯ୍ୟସୂଚୀ ରହିଛି ।

## ପିଏମ୍-ୟୁଏଇ ଭିଜିଟ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ସଂଯୁକ୍ତ ଆରବ ଏମିରେଟ୍ସ ଗସ୍ତ ଅବସରରେ ଭାରତ ଏବଂ ୟୁଏଇ ମଧ୍ୟରେ କେତେକ ଚୁକ୍ତି ସ୍ୱାକ୍ଷରିତ ହୋଇଛି । ସେଗୁଡ଼ିକ ମଧ୍ୟରେ ପେଟ୍ରୋଲିୟମ ସଂରକ୍ଷଣ, ଦୀର୍ଘକାଳୀନ ଏଲ୍‌ପିଜି ଯୋଗାଣ ଓ ପ୍ରତିରକ୍ଷା ସହଯୋଗ ଆଦି ଅନ୍ତର୍ଭୁକ୍ତ । ରାଷ୍ଟ୍ରପତି ଶେଖ୍ ମହମ୍ମଦ ବିନ୍ ଜାୟଦ ଅଲ୍ ନାହ୍ୟାନ୍‌ଙ୍କ ସହ ଶ୍ରୀ ମୋଦୀଙ୍କ ପଶ୍ଚିମ ଏସିଆ ପରିସ୍ଥିତି ନେଇ ଆଲୋଚନା କାଳରେ ଏହି ଚୁକ୍ତିଗୁଡ଼ିକ ସ୍ୱାକ୍ଷରିତ ହୋଇଛି । ଭାରତରେ ସଂଯୁକ୍ତ ଆରବ ଏମିରେଟ୍ସ ୫ ବିଲିୟନ୍ ଆମେରିକୀୟ ଡଲାର ନିବେଶ କରିବାର ପ୍ରତିଶ୍ରୁତି ଦେଇଛି । ଉଭୟ ଦେଶ ଏକ ରଣନୈତିକ ପ୍ରତିରକ୍ଷା ସହଭାଗିତା ପାଇଁ ରୂପରେଖ ପ୍ରସ୍ତୁତି ଉପରେ ସହମତ ହୋଇଛନ୍ତି । ପ୍ରତିରକ୍ଷା ଶିଳ୍ପ ସହଯୋଗ, ପ୍ରଯୁକ୍ତିବିଦ୍ୟା ଅଂଶୀଦାର, ନବସୃଜନ ଏବଂ ଆଞ୍ଚଳିକ ସୁରକ୍ଷା ସହଭାଗିତା ଉପରେ ଧ୍ୟାନ କେନ୍ଦ୍ରୀଭୂତ ହୋଇଛି । ଶ୍ରୀ ମୋଦୀ ସଂଯୁକ୍ତ ଆରବ ଏମିରେଟସ୍ ଉପରେ ହୋଇଥିବା ସାଂପ୍ରତିକ ଆକ୍ରମଣ ଘଟଣାକୁ ଦୃଢ଼ ନିନ୍ଦା କରିଛନ୍ତି । ଏମିରେଟସର ନେତୃତ୍ୱ ଏବଂ ଦେଶବାସୀଙ୍କ ସହ ଭାରତରେ ଏକତାର ସୂତ୍ରରେ ବାନ୍ଧି ହୋଇ ରହିଛି ବୋଲି ପ୍ରଧାନମନ୍ତ୍ରୀ ଏହି ଅବସରରେ ଉଲ୍ଲେଖ କରିଥିଲେ ।

# ଡବ୍ଲୁବି-କାଷ୍ଟ ସାର୍ଟିଫିକେଟ୍

ପଶ୍ଚିମବଙ୍ଗରେ ୨୦୧୧ ମସିହାରୁ ଜାରି ହୋଇଥିବା ସମସ୍ତ ଜାତିଗତ ପ୍ରମାଣପତ୍ରର ପୁନଃ ଯାଞ୍ଚ କରାଯିବ । ରାଜ୍ୟ ସରକାର ଏ ସଂକ୍ରାନ୍ତ ନିର୍ଦ୍ଦେଶନାମ ଜାରି କରିଛନ୍ତି । ଗତ ୧୪ ବର୍ଷ ମଧ୍ୟରେ ଜାତିଗତ ପ୍ରମାଣପତ୍ର ସମ୍ବନ୍ଧିତ ତଥ୍ୟ ଏବଂ ଏହାର ବୈଧତା ଉପରେ ଏବେ ପ୍ରଶ୍ନ ଉଠିଛି । ସରକାରୀ ତଥ୍ୟ ଅନୁଯାୟୀ, ଏହି ସମୟ ମଧ୍ୟରେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି ଏବଂ ଅନ୍ୟାନ୍ୟ ପଛୁଆବର୍ଗଙ୍କ ପାଇଁ ପ୍ରାୟ ୧ କୋଟି ୬୯ ଲକ୍ଷ ଜାତିଗତ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା । ଆଞ୍ଚଳିକ ସ୍ତରରେ ଶିବିର ଆୟୋଜନ ମାଧ୍ୟମରେ ଏହି ଜାତିଗତ ପ୍ରମାଣପତ୍ର ତତ୍କାଳୀନ ସରକାର ବଣ୍ଟନ କରିଥିଲେ । ଉପବିଭାଗୀୟ ଏବଂ ଜିଲ୍ଲାସ୍ତରୀୟ ଅଧିକାରୀ ପ୍ରତ୍ୟେକ ପ୍ରମାଣପତ୍ରର ଯାଞ୍ଚ କରିବେ । ତଥ୍ୟ ଭିତ୍ତିକ ନତ୍‌ବା କିମ୍ବା ଅନିୟମିତତା ଆଧାରିତ ପ୍ରମାଣପତ୍ରଗୁଡ଼ିକୁ ଆଇନ ଅନୁଯାୟୀ ବାତିଲ କରାଯିବ ବୋଲି ସରକାରୀ ସୂତ୍ରରୁ ଜଣାପଡ଼ିଛି । ସ୍ୱତନ୍ତ୍ର ଭୋଟର ତାଲିକା ସଂଶୋଧନରେ ବାଦ୍ ପଡ଼ିଥିବା ଲୋକଙ୍କୁ ମଧ୍ୟ ଏହି ଯାଞ୍ଚ ପ୍ରକ୍ରିୟାରେ ଅନ୍ତର୍ଭୁକ୍ତ କରାଯାଇଛି । ସେମାନଙ୍କର ଜାତିଗତ ପ୍ରମାଣପତ୍ର ବୈଧ ନଥିଲେ ବାତିଲ କରାଯିବା ସହ ପ୍ରମାଣପତ୍ର ଆଧାରରେ ପ୍ରଦାନ କରାଯାଇଥିବା ସୁବିଧା ସୁଯୋଗର ମଧ୍ୟ ସମୀକ୍ଷା କରାଯିବ ବୋଲି ସରକାର କହିଛନ୍ତି ।

---

# ସିକିମ୍‌ସ ଡେ ହୁଡ୍ ଡେ

ସିକିମ୍ ରାଜ୍ୟ ଆଜି ତା'ର ୫୧ତମ ପ୍ରତିଷ୍ଠା ଦିବସ ପାଳନ କରୁଛି । ୧୯୭୫ ମସିହା ଆଜିର ଦିବସରେ ଭାରତର ୨୨ତମ ରାଜ୍ୟ

ଭାବେ ସିକିମ୍ ମାନ୍ୟତା ଲାଭ କରିଥିଲା । ଉପରାଷ୍ଟ୍ରପତି ସି.ପି. ରାଧାକ୍ରିଷ୍ଣନ ଆଜି ଅପରାହ୍ନରେ ଗ୍ୟାଙ୍ଗଟକ୍‌ର ମନନ କେନ୍ଦ୍ରଠାରେ ଆୟୋଜିତ ହେବାକୁ ଥିବା ଏକ ସମାରୋହରେ ଯୋଗଦେବେ । ଉପରାଷ୍ଟ୍ରପତି ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଶ୍ରୀ ରାଧାକ୍ରିଷ୍ଣନଙ୍କର ଏହା ପ୍ରଥମ ସିକିମ୍ ଗସ୍ତ । ସମାରୋହରେ ରାଜ୍ୟପାଳ ଓମ୍ ପ୍ରକାଶ ମାଥୁର୍, ମୁଖ୍ୟମନ୍ତ୍ରୀ ପ୍ରେମ ସିଂ ତମାଙ୍ଗ ଗୋଲେ, କେନ୍ଦ୍ର ଉତ୍ତର-ପୂର୍ବକ୍ଷେତ୍ର ବିକାଶ ମନ୍ତ୍ରୀ ଜ୍ୟୋତିରାଦିତ୍ୟ ସିନ୍ଧିଆ ପ୍ରମୁଖ ଯୋଗ ଦେବେ । ଏହି ଅବସରରେ ଉପରାଷ୍ଟ୍ରପତି କେତେକ ପ୍ରକଳ୍ପର ଶୁଭାରମ୍ଭ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିବାର କାର୍ଯ୍ୟସୂଚୀ ରହିଛି ।

ପ୍ରତିଷ୍ଠା ଦିବସ ପାଳନ ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ସିକିମବାସୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି ।

## ନ୍ୟାଶନାଲ୍ ଡେଙ୍ଗୁ ଡେ

ଡେଙ୍ଗୁ ରୋଗର କାରଣ ଏବଂ ନିରାକରଣ ସଂପର୍କରେ ଜନସଚେତନତା ବୃଦ୍ଧି ଲକ୍ଷ୍ୟ ନେଇ ଆଜି ଜାତୀୟ ଡେଙ୍ଗୁ ଦିବସ ପାଳନ କରାଯାଉଛି । ପରିବେଶକୁ ପରିଷ୍କାର ରଖିବା ଏବଂ ନିୟମିତ ମଶାରୀ ବ୍ୟବହାର କରିବା ଦ୍ୱାରା ଏହି ମଶା ବାହିତ ଭୂତାଣୁ ଜନିତ ରୋଗକୁ ପ୍ରତିହତ କରାଯାଇ ପାରିବ । ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁଯାୟୀ, ସରକାରୀ ସ୍ୱାସ୍ଥ୍ୟକେନ୍ଦ୍ର ଗୁଡ଼ିକରେ ଡେଙ୍ଗୁରୋଗର ପରୀକ୍ଷା ଏବଂ ଚିକିତ୍ସା ସଂପୂର୍ଣ୍ଣ ମାଗଣାରେ କରାଯାଉଛି ।

ଏହି ଦିବସର ବାର୍ତ୍ତା ରହିଛି "ଏକାଠି ହୋଇ କାମ କରିବା, ଡେଙ୍ଗୁ ଦୂର କରିବା ।"

ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଜେ.ପି. ନଡ୍ଡା ଏହି ଦିବସ ଅବସରରେ ନାଗରିକଙ୍କୁ ରୋଗ ସଂପର୍କରେ ସଚେତନ ହେବା ସହ ପରିଷ୍କାର ଓ ସୁରକ୍ଷିତ ପରିବେଶ ବଜାୟ ରଖିବାକୁ ଆହ୍ୱାନ ଦେଇଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ନଡ୍ଡା କହିଛନ୍ତି, ବ୍ୟାପକ ପରୀକ୍ଷଣ, ରୋଗ ଚିହ୍ନଟ ଏବଂ ଉନ୍ନତ  ଚିକିତ୍ସା ଦ୍ୱାରା ଡେଙ୍ଗୁ ନିୟନ୍ତ୍ରଣ ପାଇଁ ସରକାର ପ୍ରୟାସ ଜାରି ରଖିଛନ୍ତି ।

## ଏପି-ଟିପର ଲରୀ

ଆନ୍ଧ୍ରପ୍ରଦେଶର କାକିନାଡା ଜିଲ୍ଲାରେ ଆଜି ସକାଳେ ଏକ ଦ୍ରୁତଗାମୀ ଟିପର ଧକ୍କାରେ ୬ ଜଣ ମହିଳା ଶ୍ରମିକଙ୍କର ମୃତ୍ୟୁ ହୋଇଛି । କୋଭଭୁରୁ ସେତୁ ନିକଟରେ ଶ୍ରମିକମାନେ କାର୍ଯ୍ୟ କରିବା ପାଇଁ ଯିବାକୁ ରାସ୍ତାପାର ହେଉଥିବା ସମୟରେ ଟିପର୍‌ଟି ସେମାନଙ୍କୁ ଧକ୍କା ଦେଇଥିଲା । ଘଟଣାସ୍ଥଳରେ ୪ ଜଣଙ୍କର ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ୨ ଜଣ ଚିକିତ୍ସାଧୀନ ଅବସ୍ଥାରେ ମୃତ୍ୟୁବରଣ କରିଛନ୍ତି । ପୋଲିସ୍ ମୃତଦେହଗୁଡ଼ିକୁ ପୋଷ୍ଟମର୍ଟମ ପାଇଁ ସ୍ଥାନାନ୍ତର କରିବା ସହ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି । ଆନ୍ଧ୍ରପ୍ରଦେଶ ଉପମୁଖ୍ୟମନ୍ତ୍ରୀ କେ.ପବନକଲ୍ୟାଣ ଏହି ଦୁର୍ଘଟଣାରେ ଗଭୀର ଦୁଃଖ ପ୍ରକାଶ କରିବା ସହ ମୃତକଙ୍କ ନିକଟ ସଂପର୍କୀୟଙ୍କ ଲାଗି ସମବେଦନା ଜ୍ଞାପନ କରିଛନ୍ତି। ସେ କହିଛନ୍ତି ମୃତକଙ୍କ ନିକଟ ସଂପର୍କୀୟଙ୍କ ଲାଗି ରାଜ୍ୟ ସରକାର ୪ ଲକ୍ଷ ଟଙ୍କା ଲେଖାଏଁ କ୍ଷତିପୂରଣ ପ୍ରଦାନ କରିବେ । ରାଜପଥ ଏବଂ ବ୍ୟସ୍ତବହୁଳ ସଡ଼କପଥ ନିକଟରେ ଅବସ୍ଥିତ କାର୍ଯ୍ୟସ୍ଥଳୀଗୁଡ଼ିକରେ ସ୍ୱତନ୍ତ୍ର ସୁରକ୍ଷା

ବ୍ୟବସ୍ଥା କାର୍ଯ୍ୟକାରୀ କରିବାକୁ ସଂପୃକ୍ତ ଅଧିକାରୀଙ୍କୁ ସେ ନିର୍ଦ୍ଦେଶ ଦେଇଛନ୍ତି ।

## ପିଏମ୍ ରିଜେକ୍ଟେଡେ ମିଡ଼ିଆ ରିପୋର୍ଟ

ବିଦେଶ ଯାତ୍ରା ଉପରେ ସେସ୍, ଟିକସ କିମ୍ବା ସର୍‌ଚାର୍ଜ ଲାଗୁ କରିବା ସଂପର୍କିତ ଏକ ଗଣମାଧ୍ୟମ ରିପୋର୍ଟକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଖଣ୍ଡନ କରିଛନ୍ତି । ସାମାଜିକ ଗଣମାଧ୍ୟମ ପୋଷ୍ଟରେ ଶ୍ରୀ ମୋଦୀ କହିଛନ୍ତି, ରିପୋର୍ଟଟି ଆଦୌ ସତ୍ୟ ଆଧାରିତ ନୁହେଁ । ବ୍ୟବସାୟ କରିବାର ସହଜତା ଏବଂ ଜୀବନ ଧାରଣର ମାନକୁ ଉନ୍ନତ କରିବାରେ ସରକାରଙ୍କ ଅଙ୍ଗୀକାରବଦ୍ଧତା ଉପରେ ଶ୍ରୀ ମୋଦୀ ଆଲୋକପାତ କରିଛନ୍ତି । ଅନ୍ୟପକ୍ଷରେ ଗଣମାଧ୍ୟମ ରିପୋର୍ଟକୁ ଆନୁଷ୍ଠାନିକ ଭାବେ ପ୍ରତ୍ୟାହାର କରି ନିଆଯାଇଛି । ପ୍ରସାରଣ କରିଥିବା ସଂସ୍ଥା ରିପୋର୍ଟଟିକୁ ତଥ୍ୟ ଭିତ୍ତିକ ନୁହେଁ ବୋଲି ସ୍ୱୀକାର କରିବା ସହ ଏଥିପାଇଁ ଦୁଃଖ ପ୍ରକାଶ କରିଛି ।

## ଇଣ୍ଟରନ୍ୟାଶନାଲ୍ ଡେ ଅଫ୍ ଲାଇଟ୍

ଆନ୍ତର୍ଜାତିକ ଆଲୋକ ଦିବସ ଆଜି ପାଳନ କରାଯାଉଛି । ୧୯୬୦ ମସିହାରେ ପଦାର୍ଥ ବିଜ୍ଞାନୀ ତଥା ଇଞ୍ଜିନିୟର ଥିଓଡୋ ମଇମନ୍‌ଙ୍କ ଦ୍ୱାରା ଆଜିର ଦିବସରେ ପ୍ରଥମଥର ପାଇଁ ଲେଜର୍‌ର ସଫଳ ପରୀକ୍ଷଣ କରାଯାଇଥିଲା । ଏହାକୁ ସ୍ମରଣ କରି ପ୍ରତିବର୍ଷ ମଇମାସ ୧୬ ତାରିଖରେ ଆନ୍ତର୍ଜାତିକ ଆଲୋକ ଦିବସ ପାଳନ କରାଯାଇଥାଏ । ଚଳିତବର୍ଷର ବାର୍ତ୍ତା ରହିଛି "ସ୍ଥାୟୀ ଭବିଷ୍ୟତ ପାଇଁ ଆଲୋକ ।" ଆଲୋକର ଅଧ୍ୟୟନ ଜୀବନ ରକ୍ଷାକାରୀ ଚିକିତ୍ସା ଉପକରଣ, ଉଚ୍ଚ କ୍ଷମତାସଂପନ୍ନ ଯୋଗାଯୋଗ, ବିକଳ୍ପ ଶକ୍ତିଉତ୍ସ, ପ୍ରଯୁକ୍ତିବିଦ୍ୟା ଏବଂ ବିଭିନ୍ନ ଆବିଷ୍କାରରେ

ଉନ୍ନତି ଆଣିପାରିଛି । ସମାଜର ବିଭିନ୍ନ କ୍ଷେତ୍ରରେ ପରିବର୍ତ୍ତନ ସହ ବ୍ରହ୍ମାଣ୍ଡର ତତ୍ତ୍ୱକୁ ବୁଝିବାରେ ସହଯୋଗ ପ୍ରଦାନ କରୁଛି । ବୈଜ୍ଞାନିକ ସହଯୋଗକୁ ମଜବୁତ କରିବା ଏବଂ ଶାନ୍ତି ଓ ନିରନ୍ତର ବିକାଶ ପାଇଁ ଆଲୋକଶକ୍ତିକୁ ବ୍ୟବହାର କରିବା ପାଇଁ ୟୁନେସ୍କୋ ଆହ୍ୱାନ ଦେଇଛି ।

## ସିବିଏସ୍ଇ ପୋଷ୍ଟ ରେଜଲ୍ଟ ଫାସିଲିଟିଜ

ଦ୍ୱାଦଶଶ୍ରେଣୀ ଛାତ୍ରଛାତ୍ରୀଙ୍କ ପାଇଁ ପରୀକ୍ଷା ଫଳ ଘୋଷଣା ପରବର୍ତ୍ତୀ ବ୍ୟବସ୍ଥା ସମ୍ପର୍କିତ ଏକ ବିଜ୍ଞପ୍ତି କେନ୍ଦ୍ରୀୟ ମାଧ୍ୟମିକ ଶିକ୍ଷା ବୋର୍ଡ ସିବିଏସ୍ଇ ପକ୍ଷରୁ ଜାରି କରାଯାଇଛି । ପରୀକ୍ଷାଫଳ ସଂପର୍କରେ ଇଚ୍ଛୁକ ଛାତ୍ରଛାତ୍ରୀଙ୍କ ପାଇଁ ଦୁଇସ୍ତରୀୟ ସମୀକ୍ଷା ବ୍ୟବସ୍ଥାର ସୁବିଧା ରହିଛି । ପ୍ରଥମ ପର୍ଯ୍ୟାୟରେ ଛାତ୍ରଛାତ୍ରୀ ମୂଲ୍ୟାଙ୍କିତ ଉତ୍ତର ପୁସ୍ତିକାର ସ୍କାନ୍ କପି ପାଇଁ ଅନ୍‌ଲାଇନ୍ ଆବେଦନ କରିପାରିବେ । ଡାଉନ୍‌ଲୋଡ ମାଧ୍ୟମରେ ଏହାକୁ ସମୀକ୍ଷା କରିବାର ସୁବିଧା ରହିଛି । ଦ୍ୱିତୀୟ ପର୍ଯ୍ୟାୟରେ ଛାତ୍ରଛାତ୍ରୀ ମାର୍କିଂ ନିୟମାବଳୀ ଆଧାରରେ ନିର୍ଦ୍ଦିଷ୍ଟ ଉତ୍ତରର ପୁନଃ ମୂଲ୍ୟାୟନ ପାଇଁ ଅନୁରୋଧ କରିପାରିବେ । ସ୍କାନ୍ କପି ପାଇଁ ଆସନ୍ତା ୧୯ରୁ ୨୨ ତାରିଖ ପର୍ଯ୍ୟନ୍ତ ଆବେଦନ କରାଯାଇପାରିବ ଏବଂ ପ୍ରତି ବିଷୟ ପାଇଁ ଦେୟ ବାବଦରେ ୭୦୦ ଟଙ୍କା ଅନ୍‌ଲାଇନ୍ ଦାଖଲ କରିବାକୁ ପଡିବ । ମୂଲ୍ୟାଙ୍କିତ ପରୀକ୍ଷା ପୁସ୍ତିକା ଯାଞ୍ଚ ଏବଂ ପୁନଃ ମୂଲ୍ୟାୟନ ପାଇଁ ଆବେଦନ କରିବାକୁ ଆସନ୍ତା ୨୬ରୁ ୨୯ ତାରିଖ ପର୍ଯ୍ୟନ୍ତ ସମୟସୀମା ଧାର୍ଯ୍ୟ ହୋଇଛି ।

## ଆଇପିଏଲ୍ କ୍ରିକେଟ୍

ଆଇପିଏଲ୍ କ୍ରିକେଟ୍‌ରେ  ଆଜି କୋଲକାତା ନାଇଟ୍ ରାଇଡର୍ସ ଏବଂ ଗୁଜୁରାଟ ଟାଇଟନ୍ସ ମଧ୍ୟରେ ମ୍ୟାଚ୍ ଖେଳାଯିବ । କୋଲକାତାର ଇଡେନ ଗାର୍ଡେନ୍ସରେ ଏହି ମ୍ୟାଚ୍ ସଂଧ୍ୟା ସାଢ଼େ ୭ଟାରେ ଖେଳାଯିବ ।

ଗତକାଲିର ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ବିଜୟୀ ହୋଇଛି । ଲକ୍ଷ୍ନୌର ଏକନା ଷ୍ଟାଡିୟମଠାରେ ଖେଳାଯାଇଥିବା ଏହି ମ୍ୟାଚ୍‌ରେ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ୭ ୱିକେଟ୍‌ରେ ଚେନ୍ନାଇ ସୁପର କିଙ୍ଗ୍‌ସକୁ ପରାସ୍ତ କରିଥିଲା ।

ଏହି ବିଜୟ ପରେ ମଧ୍ୟ ଲକ୍ଷ୍ନୌ ସୁପର ଜାଏଣ୍ଟ୍‌ସ ପଏଣ୍ଟ ତାଲିକାର ସର୍ବନିମ୍ନ ସ୍ଥାନରେ ରହିବା ସହ ପ୍ଲେଅଫ୍‌ରୁ ବାଦ୍ ପଡିଛି । ଚେନ୍ନାଇ ସୁପର କିଙ୍ଗ୍‌ସ ଷଷ୍ଠ ସ୍ଥାନରେ ରହିଛି ।

## ପାଣିପାଗ

ଦକ୍ଷିଣ-ପଶ୍ଚିମ ମୌସୁମୀ ବାୟୁ ଆଗମନ ନେଇ ପାଗ ଅନୁକୂଳ ଥିବା ଭାରତୀୟ ପାଣିପାଗ ବିଭାଗ କହିଛି ।  ଆସନ୍ତା ୨ ଦିନ ପର୍ଯ୍ୟନ୍ତ ଆଣ୍ଡାମାନ୍ ଓ ନିକୋବର ଦ୍ୱୀପପୁଞ୍ଜ, ପଶ୍ଚିମବଙ୍ଗର ହିମାଳୟ ଅଞ୍ଚଳ, ସିକିମ୍, ଆସାମ,ମେଘାଳୟ,  କର୍ଣ୍ଣାଟକର ଦକ୍ଷିଣ ଆଭ୍ୟନ୍ତରୀଣ ଅଞ୍ଚଳରେ ପ୍ରବଳ ବର୍ଷା ହେବାର ସମ୍ଭାବନା ରହିଛି  ବୋଲି ପାଣିପାଗ ବିଭାଗ କହିଛି ।